# D.A.V. PUBLIC SCHOOLS, POKHARIPUT, BBSR
## PERIODIC ASSEMENT - 1 (2020-2021)
## CLASS – VI
## SUBJECT – LOWER ODIA

**TIME- 40 MINUTES** **SET -A** **Maximum Marks -20**

**ସାଧାରଣ ନିର୍ଦ୍ଦେଶାବଳୀ :-**

- ପ୍ରଶ୍ନପତ୍ରରେ ସର୍ବମୋଟ **୨୦ଟି ପ୍ରଶ୍ନ** ଅଛି ।
- ପ୍ରତ୍ୟେକ ପ୍ରଶ୍ନର **୪ଟି ( i ) (ii) (iii) (iv) ବହୁବୈକଳ୍ପିକ ଉତ୍ତର** ପ୍ରଦାନ କରାଯାଇଛି ।
- ସେଥିମଧ୍ଯରୁ ଠିକ୍ ଉତ୍ତରଟି ଉତ୍ତରମାଳାରେ ଚିହ୍ନିତ କର ।
- ସମସ୍ତ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ ।

**ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପାଠକରି ପ୍ରଶ୍ନ (ସଂଖ୍ୟା ୧.ରୁ ୫. ପର୍ଯ୍ୟନ୍ତ )ଗୁଡ଼ିକର ଠିକ୍ ଉତ୍ତର ବାଛ । (୨୦X୧=୨୦)**

ଆମର ଜାତୀୟ ପତାକା ସତ୍ୟ , ମୈତ୍ରୀ ଓ ପ୍ରୀତିର ପ୍ରତୀକ ଅଟେ । ଏହାର ଆକର୍ଷଣୀୟ କ୍ରମବିକାଶ ୧୯୪୬ ରୁ ୧୯୪୭ ତଥା ଦୀର୍ଘ ୪୧ବର୍ଷ ଧରି ହୋଇଥିଲା । ସର୍ବପ୍ରଥମେ ୧ ଅଗଷ୍ଟ ୧୯୦୬ ଦିନ କୋଲକାତାର ପାର୍ସି ବାଗାନ୍ ବା ଗ୍ରୀନ୍ ପାର୍କ ସ୍କୋୟାରରେ ଆମର ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ଏଥିରେ ତିନୋଟି ଧାରାରେ ତିନିଟି ପ୍ରକାର ରଙ୍ଗ ଯଥା – ନାଲି , ହଳଦିଆ ଓ ସବୁଜ ରଙ୍ଗ ଥିଲା । ଏଥିରେ ମଧ୍ୟ ୮ଟି ପଦ୍ମ ଫୁଲର ଚିତ୍ର ସହ ବନ୍ଦେ ମାତରମ୍ ଲେଖାଥିଲା ।୧୯୦୭ରେ ଦ୍ୱିତୀୟ ଭାରତର ଜାତୀୟ ପତାକା ,ମାଡ଼ାମ କାମା ଓ ତାଙ୍କର ପାର୍ଟି କରିଥିଲେ । ଏଥିରେ ଗୋଟିଏ ପଦ୍ମଫୁଲ ସହିତ ଭାରତର ସପ୍ତଋଷିଙ୍କର ସ୍ମାରକ ସ୍ୱରୂପ ସାତଟି ତାରକା ଚିତ୍ର ରହିଥିଲା । ୧୯୧୭ରେ ତୃତୀୟ ଭାରତର ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ଲୋକମାନ୍ୟ ବାଳଗଙ୍ଗାଧର ତିଳକ ଓ ଆନିବେଶାନ୍ତ ଭାରତୀୟ ଜାତୀୟ କଂଗ୍ରେସର ଷଷ୍ଠ ଓ ଦ୍ୱିତୀୟ ସଭାପତି ଉଭୟ ଏହାକୁ ଉତ୍ତୋଳନ କରିଥିଲେ । ଏହି ପତାକାରେ ଧଳା ରଙ୍ଗର ଧନୁ ଆକୃତିର ଚିହ୍ନ ସହ ତାରକାର ଚିହ୍ନ ଥିଲା ।

**୧. ଦ୍ୱିତୀୟ ଭାରତୀୟ ଜାତୀୟ ପତାକାରେ କାହାର ଚିତ୍ର ରହିଥିଲା ?**

**(i)** ସତ୍ୟ , ମୈତ୍ରୀ ଓ ପ୍ରୀତିର ପ୍ରତୀକ ଥିଲା ।

**(ii)** ନାଲି , ହଳଦିଆ ଓ ସବୁଜ ରଙ୍ଗ ଥିଲା ।

**(iii)** ଗୋଟିଏ ପଦ୍ମଫୁଲ ସହ ଭାରତର ସପ୍ତଋଷିଙ୍କର ସ୍ମାରକ ସ୍ୱରୂପ ୭ଟି ତାରକା ଚିତ୍ର ରହିଥିଲା ।

**(iv)** ଧଳା ରଙ୍ଗର ଧନୁ ଆକୃତିର ଚିହ୍ନ ଥିଲା ।

**୨. ସର୍ବପ୍ରଥମେ ଆମର ଜାତୀୟ ପତାକା କେଉଁଠାରେ ଉତ୍ତୋଳନ କରାଯାଇଥିଲା ?**

**(i)** ଭାରତୀୟ ଜାତୀୟ କଂଗ୍ରେସର ସଦନରେ ।

**(ii)** କୋଲକାତାର ପାର୍ସି ବାଗାନ୍ ବା ଗ୍ରୀନ୍‌ପାର୍କ ସ୍କୋୟାରରେ ଉତ୍ତୋଳନ କରାଯାଇଥିଲା ।

**(iii)** ଦିଲ୍ଲୀର ଲାଲ୍‌କିଲ୍ଲାରେ ।

**(iv)** ଓଡ଼ିଶାର ଜାତୀୟ କଂଗ୍ରେସର ସଦନରେ ।

**୩. ତୃତୀୟ ଭାରତର ଜାତୀୟ ପତାକାକୁ କିଏ ଉତ୍ତୋଳନ କରିଥିଲେ ?**

**(i)** ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକ ଓ ଆନିବେଶାନ୍ତ ।

**(ii)** ଚାଚା ନେହେରୁ ।

**(iii)** ସର୍ଦ୍ଦାର ବଲ୍ଲଭାଇ ପଟେଲ ।

**(iv)** ବିନୋବା ଭାବେ ।

**୪. ଆମର ଜାତୀୟ ପତାକା କାହାର ପ୍ରତୀକ ଅଟେ ?**

**(i)** ତ୍ୟାଗ ଓ ସହିଷ୍ଣୁତାର ପ୍ରତୀକ ଅଟେ ।

**(ii)** କ୍ରୋଧ , ହିଂସା ଓ ଦ୍ୱେଷର ପ୍ରତୀକ ଅଟେ ।

**(iii)** ନିଷ୍ଠୁର ଓ ଅମାନବିକତାର ପ୍ରତୀକ ଅଟେ ।

**(iv)** ସତ୍ୟ **,** ମୈତ୍ରୀ ଓ ପ୍ରୀତିର ପ୍ରତୀକ ଅଟେ ।

**୫. ୧୯୦୬ ମସିହାରେ ଆମର ଜାତୀୟ ପତାକାର ରୂପ କିପରି ଥିଲା ?**

**(i)** ପତାକାରେ ଧଳା ରଙ୍ଗର ଧନୁ ଆକୃତିର ଚିହ୍ନ ସହ ତାରକାର ଚିହ୍ନ ଥିଲା ।

**(ii)** ଭାରତର ସପ୍ତଋଷିଙ୍କର ସ୍ମାରକ ସ୍ୱରୂପ ସାତଟି ତାରକା ଚିତ୍ର ରହିଥିଲା ।

**(iii)** ଗୋଟିଏ ପଦ୍ମଫୁଲ ସହିତ ଭାରତର ସପ୍ତଋଷିଙ୍କର ସ୍ମାରକ ସ୍ୱରୂପ ସାତଟି ତାରକା ଚିତ୍ର ରହିଥିଲା ।

**(iv)** ନାଲି **,** ହଳଦିଆ ଓ ସବୁଜ ତିନି ପ୍ରକାର ରଙ୍ଗ ସହିତ ୮ଟି ପଦ୍ମ ଫୁଲର ଚିତ୍ର ସହ ବନ୍ଦେ ମାତରମ୍ ଲେଖାଥିଲା ।

## ୬. କ'ଣ କଲେ ଆମର ଜୀବନ ସାର୍ଥକ ହେବ ?

(i) ଅନ୍ୟର ଉପକାର କରିପାରିଲେ

(ii) ଅନ୍ୟର କ୍ଷତି କଲେ

(iii) ଅନ୍ୟକୁ କଷ୍ଟଦେଲେ

(iv) କିଛି ନକଲେ

## ୭. ଅସଂଖ୍ୟ ଜଳବିନ୍ଦୁ ମିଶି କ'ଣ ସୃଷ୍ଟି ହୋଇଛି ବୋଲି କବି କହିଛନ୍ତି ?

(i) ବନ

(ii) ଧରା

(iii) ସିନ୍ଧୁ

(iv) ହୃଦୟ

**୮. ଦୟାଳୁ ଲୋକ କାହାର ଚର ହୋଇଥାଆନ୍ତି ?**

(i) ରାଜାଙ୍କର

(ii) ଈଶ୍ୱରଙ୍କର

(iii) ରାକ୍ଷାସାଙ୍କର

(iv) ମହାମନ୍ତ୍ରୀଙ୍କର

**୯. 'ଚର' ଶବ୍ଦଟି କବିତାରେ କେଉଁ ଅର୍ଥରେ ବ୍ୟବହୃତ ହୋଇଛି ?**

(i) ଦୂତ

(ii) ଚୋର

(iii) ରାଜା

(iv) ପାଦ

**୧୦. ପରକୁ କିପରି ଆପଣାର କରିହୁଏ ?**

(i)ଧନ-ସମ୍ପତ୍ତି ପ୍ରଦାନ କରି

(ii) ମଧୁର କଥା କହି

(iii) କ୍ରୋଧ ପରିପ୍ରକାଶ କରି

(iv) ଘୃଣା କରି

**୧୧. ' କ୍ଷିତି' ଶବ୍ଦଟିର ଅର୍ଥ ଏଥିମଧ୍ୟରୁ କେଉଁଟି ଠିକ୍ ହେବ ?**

(i) ପରିବାର

(ii) ପୃଥିବୀ

(iii) ସମୁଦ୍ର

(iv) ଜଙ୍ଗଲ

**୧୨. ' ନର' ଶବ୍ଦଟିର ଅର୍ଥ ଏଥିମଧ୍ୟରୁ କେଉଁଟି ଠିକ୍ ହେବ ?**

(i) ମଣି

(ii) ମନୁଷ୍ୟ

(iii) ବର

(iv) ରାକ୍ଷସ

**୧୩. ମଧୁବାବୁ କେଉଁ ମସିହାରେ ଜନ୍ମଗ୍ରହଣ କରିଥିଲେ ?**

(i) ୧୮୪୬

(ii) ୧୮୪୭

(iii) ୧୮୪୮

(iv) ୧୮୪୯

**୧୪. ସକାଳୁ ଚାଲିବାକୁ ଗଲାବେଳେ ମଧୁବାବୁଙ୍କ ହାତରେ କେଉଁ ବାଡ଼ି ଥାଏ ?**

(i) ବାଉଁଶ ବାଡ଼ି
(ii) ବେତ ବାଡ଼ି
(iii) ଶିଙ୍ଗ ବାଡ଼ି
(iv) ଲୁହା ବାଡ଼ି

**୧୫. ସୁଦାମ କାହାର ହେପାଜତ୍ କରେ ?**

(i) ଗାଈମାନଙ୍କର
(ii) ଛେଳିମାନଙ୍କର
(iii) ହାତୀମାନଙ୍କର
(iv) ଘୋଡ଼ାମାନଙ୍କର

**୧୬. " ପାଠ ପଢ଼ିବି , କାଳିଆ ଘୋଡ଼ାରେ ଚଢ଼ିବି , ମଧୁବାବୁ ସଙ୍ଗେ ଲଢ଼ିବି । " ଏ ଢଗଟି କାହା ମୁହଁରୁ ଶୁଣିବାକୁ ମିଳେ ?**

(i) ସୁଦାମ ମୁହଁରୁ
(ii) ମଧୁବାବୁଙ୍କ ମୁହଁରୁ
(iii) ଲୋକମାନଙ୍କ ମୁହଁରୁ
(iv) କାହାରି ମୁହଁରୁ ନୁହେଁ

**୧୭. ସୁଦାମ ଏଥିମଧ୍ୟରୁ କେଉଁଟିକୁ ତଦାରଖ କରେ ନାହିଁ ?**

(i) ଚୂନି
(ii) ଅଳଙ୍କାର
(iii) କୁଟା
(iv) କୋଳଥ

**୧୮. ମଧୁବାବୁ କେଉଁ ସ୍କୁଲ୍‌ରୁ ପ୍ରବେଶିକା ପରୀକ୍ଷାରେ ପାସ୍ ହୋଇ କଲିକତା ପଢ଼ିବାକୁ ଯାଇଥିଲେ ?**

(i) ଭକ୍ତମଧୁ ବିଦ୍ୟାପୀଠ
(ii) ସରସ୍ୱତୀ ଶିଶୁମନ୍ଦିର
(iii) ଖ୍ରୀଷ୍ଟ ସ୍କୁଲ୍

(iv) ରେଭେନ୍ସା କଲିଜିଏଟ୍

**୧୯. ମଧୁବାବୁଙ୍କ ସ୍ୱଦେଶୀ ଜୋତା କାରଖାନାର ନାମ କ'ଣ ?**

(i) ଉତ୍କଳ ଏକ୍ସପ୍ରେସ୍

(ii) ଉତ୍କଳ ଟ୍ୟାନେରୀ

(iii) ଉତ୍କଳ ଟେକ୍ସଟାଇଲ୍

(iv) ଉତ୍କଳ ଇଣ୍ଡଷ୍ଟ୍ରି

**୨୦. 'ତଲାସ' ଶବ୍ଦଟିର ଅର୍ଥ ଏଥିମଧ୍ୟରୁ କେଉଁଟି ଠିକ୍ ହେବ ?**

(i) ମଳିନ

(ii) ଅନୁସନ୍ଧାନ କରିବା

(iii) ଯତ୍ନନେବା

(iv) ଗଡ଼

**************

**D.A.V. PUBLIC SCHOOLS, POKHARIPUT, BBSR**
**PERIODIC ASSEMENT - 1 (2020-2021)**
**CLASS – VI**
**SUBJECT – LOWER ODIA**
**TIME- 40 MINUTES SET -A Maximum Marks -20**

## ANSWER KEY

| Qs No | Answer |
|---|---|
| ୧ | **(iii)** ଗୋଟିଏ ପଦ୍ମଫୁଲ ସହ ଭାରତର ସପ୍ତଋଷିଙ୍କର ସ୍ମାରକ ସ୍ୱରୂପ ୭ଟି ତାରକା ଚିତ୍ର ରହିଥିଲା । |
| ୨ | **(ii)** କୋଲକାତାର ପାର୍ସି ବାଗାନ୍ ବା ଗ୍ରୀନ୍ପାର୍କ ସ୍କୋୟାରରେ ଉତ୍ତୋଳନ କରାଯାଇଥିଲା । |
| ୩ | **(i)** ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକ ଓ ଆନିବେଶାନ୍ତ । |
| ୪ | **(iv)** ସତ୍ୟ **,** ମୈତ୍ରୀ ଓ ପ୍ରୀତିର ପ୍ରତୀକ ଅଟେ । |
| ୫ | **(iv)** ନାଲି **,** ହଳଦିଆ ଓ ସବୁଜ ତିନି ପ୍ରକାର ରଙ୍ଗ ସହିତ ୮ଟି ପଦ୍ମ ଫୁଲର ଚିତ୍ର ସହ ବନ୍ଦେ ମାତରମ୍ ଲେଖାଥିଲା । |

| | |
|---|---|
| ୬ | (i) ଅନ୍ୟର ଉପକାର କରିପାରିଲେ |
| ୭ | (iii) ସିନ୍ଧୁ |
| ୮ | (ii) ଈଶ୍ୱରଙ୍କର |
| ୯ | (i) ଦୂତ |
| ୧୦ | (ii) ମଧୁର କଥା କହି |
| ୧୧ | (ii) ପୃଥିବୀ |
| ୧୨ | (ii) ମନୁଷ୍ୟ |
| ୧୩ | (iii) ୧୮୪୮ |
| ୧୪ | (iii) ଶିଙ୍ଗ ବାଡ଼ି |
| ୧୫ | (i) ଗାଈମାନଙ୍କର |
| ୧୬ | (iii) ଲୋକମାନଙ୍କ ମୁହଁରୁ |
| ୧୭ | (ii) ଅଳଙ୍କାର |
| ୧୮ | (iv) ରେଭେନ୍ସା କଲିଜିଏଟ୍ |
| ୧୯ | (ii) ଉତ୍କଳ ଟ୍ୟାନେରୀ |
| ୨୦ | (ii) ଅନୁସନ୍ଧାନ କରିବା |